# ପୋଲିସ କବ୍‌ଜାରେ ୨ ଆନ୍ତଃରାଜ୍ୟ ଲୁଟେରା

■ଏଟିଏମ୍ କାର୍ଡ ନେଇ ୧ଲକ୍ଷ ୯ ହଜାର ଲୁଟିଥିଲେ
■ସୁନା ଗହଣା କିଣିବା ବେଳେ ସିସିଟିଭି କ୍ୟାମେରାରେ ଚିହ୍ନଟ




ଢେଙ୍କାନାଳ,୧୫।୪(ରତନ ନାୟାର)

ଢେଙ୍କାନାଳ ସହର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଲୁଟ୍ ଘଟଣା ସହିତ ଏଟିଏମ୍‌ରୁ ଟଙ୍କା ଲୁଟିନେବା ଘଟଣାରେ ୨ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଟାଉନ ଥାନା ପୋଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାର ମାଷ୍ଟରମାଇଣ୍ଡ ବର୍ତ୍ତମାନ ସୁଦ୍ଧା ଫେରାର ରହିଛନ୍ତି।

ଘଟଣାରୁ ଜଣାପଡିଛି, ଗତ ମାର୍ଚ୍ଚ ୨ରେ ଢେଙ୍କାନାଳ ପୌରାଞ୍ଚଳ ୫ନଂ ୱାର୍ଡ ଚାନ୍ଦମାରୀ ସାହିର ବରିଷ୍ଠ ନାଗରିକ ମନ୍ମଥ କୁମାର ପାତ୍ର(୬୩) ଏକ ଏଟିଏମ୍ କାଉଣ୍ଟରକୁ ଯାଇଥିବାବେଳେ ଲୁଟେରାମାନେ ଚଞ୍ଚକତା କରି ଏଟିଏମ୍ କାର୍ଡ ଲୁଟିବା ସହିତ ପିନ୍ କୋର୍ଡ ଜାଣି ତାଙ୍କ ଆକାଉଣ୍ଟରୁ ପ୍ରାୟ ୧ଲକ୍ଷ ୯ ହଜାର ଟଙ୍କା ଉଠାଇ ନେଇଥିଲେ। ଏହି ଟଙ୍କାରେ ଦୁର୍ବୃତ୍ତମାନେ ଢେଙ୍କାନାଳ ସହରସ୍ଥିତ ଏକ ଅଳଙ୍କାର ଦୋକାନରୁ ୭୪ହଜାର ଟଙ୍କାର ସୁନା ଗହଣା କିଣି ଫେରାର ହୋଇଯାଇଥିଲେ। ଅଭିଯୋଗ ପାଇ ଟାଉନ ଥାନା ପୋଲିସ ଅଳଙ୍କାର ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ କରି ତନାଘନା ତଦନ୍ତ କରିଥିଲା। ପୁଣିଥରେ ଅଭିଯୁକ୍ତମାନେ ଢେଙ୍କାନାଳ ସହରକୁ ଲୁଟିବାକୁ ଆସିଥିବା ବେଳେ ସେମାନଙ୍କ ଉପରେ ନଜର ରଖିଥିବା ଟାଉନ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ମାଡି ବସିଥିଲା। ଗିରଫ ଅଭିଯୁକ୍ତ ହେଲେ ବିହାର ରାଜ୍ୟ ଫତେପୁର ଜିଲା ଗୟା ଅଞ୍ଚଳର ରାଜୀବ କୁମାର(୨୨) ଓ ଚନ୍ଦନ କୁମାର(୩୫)। ସେମାନଙ୍କ ଠାରୁ ଲୁଟ୍ ହୋଇଥିବା ବହୁ ଏଟିଏମ କାର୍ଡ ପୋଲିସ ଜବତ କରିଛି। ଫେରାର ଥିବା ମାଷ୍ଟର ମାଇଣ୍ଡଙ୍କ ନିକଟରେ ଲୁଟ୍ ଟଙ୍କାରେ କିଣା ଯାଇଥିବା ସୁନା ଗହଣା ରହିଥିବା ପୋଲିସକୁ ସୂଚନା ମିଳିଛି। ଏହି ଦୁର୍ବୃତ୍ତମାନେ ରାଜ୍ୟର କୋରାପୁଟ, ସୁନାବେଡା, ପୁରୀ, ଜଗତସିଂହପୁର, ଗଞ୍ଜାମ, କଟକ, ଭୁବନେଶ୍ୱର, ଅନୁଗୋଳ ଆଦି ଅଞ୍ଚଳରେ ଲୁଟ୍ କରୁଥିଲେ। ସେମାନେ ଟ୍ରେନ୍‌ରେ ଆସୁଥିବାବେଳେ ଲୁଟ୍ କରିବାର ଯୋଜନା ରହିଥିବା ସ୍ଥାନରେ ହୋଟେଲରେ ରହୁଥିଲେ। ଅଭିଯୁକ୍ତମାନେ ଏଟିଏମ୍ କାଉଣ୍ଟରରେ ପଶି ପ୍ଲାକାର୍ଡ ଓ ଅଠା ଦ୍ୱାରା ଟଙ୍କା ଆସିବା ବାଟକୁ ବ୍ଲକ କରୁଥିଲେ। ଫଳରେ ଯେଉଁ ବ୍ୟକ୍ତି ଏଟିଏମ୍‌ରେ ଟଙ୍କା ନେବାକୁ ଆସୁଥିଲେ ସେ ଏଟିଏମ୍ କାର୍ଡ ଭର୍ତ୍ତି କରିବା ପରେ ପିନ୍‌କୋଡ୍ ଦେଇ ଟଙ୍କାର ପରିମାଣ ଦେବା ପରେ ମଧ୍ୟ ଟଙ୍କା ନ ଆସିଲେ ପଳାଉଥିଲେ। ଏହାପରେ ଅଭିଯୁକ୍ତମାନେ ଏଟିଏମ୍‌ରୁ କୌଶଳ କ୍ରମେ ଟଙ୍କାକୁ ବାହାର କରୁଥିଲେ। ସେହିପରି ଯଦି ବରିଷ୍ଠ ବ୍ୟକ୍ତିମାନେ ଏଟିଏମ୍ କାର୍ଡ ଦେବାପରେ ଟଙ୍କା ଉଠାଇପାରୁ ନ ଥିଲେ, ତାଙ୍କୁ ସହଯୋଗ କରିବା ଆଳରେ ଏଟିଏମ୍ କାର୍ଡ ଓ ପିନ୍ ନେଇ କୌଶଳ କ୍ରମେ ଟଙ୍କା ଉଠାଇ ନେଉଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ରାଜ୍ୟର ଯେଉଁ ଥାନାଗୁଡିକରେ ସେମାନଙ୍କ ନାମରେ ମାମଲା ରହିଛି, ସେ ସମ୍ପର୍କରେ ଢେଙ୍କାନାଳ ଟାଉନ ଥାନା ପୋଲିସ ତଥ୍ୟ ମାଗିଥିବା ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୧୬୪।୨୪ରେ ଏକ ମାମଲା ରୁଜୁ ହୋଇଛି।

# ୨୦ ଦିନରେ ଉଜୁଡ଼ିଗଲା ସଂସାର

■ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ
■ଯୌତୁକ ପାଇଁ ହତ୍ୟା ଅଭିଯୋଗ

ପରଜଙ୍ଗ,୧୫।୪(ନିଗମାନନ୍ଦ ଦଳବେହେରା)

ଯେଉଁ ଗାଁର ଝିଅ ସେହି ଗାଁର ବୋହୂ ହୋଇଥିଲେ। ନିଜ ଅଞ୍ଚଳର ପରିଚିତ ଯୁବକଙ୍କୁ ପ୍ରେମ ବିବାହ କରିବା ସହ ସୁଖରେ ସଂସାର କରିବାକୁ ଲକ୍ଷ୍ୟ ରଖିଥିଲେ। ହେଲେ ଶାଶୁଘରକୁ ଯିବାର ମାତ୍ର ୨୦ ଦିନ ହୋଇଥିବା ବେଳେ ତାଙ୍କର ସନ୍ଦେହଜନକ ମୃତ୍ୟୁ ବାପଘର ଲୋକଙ୍କୁ ସ୍ତବ୍ଧ କରିଦେଇଛି। ବୋହୂ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବା ବେଳେ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ବାପଘର ପକ୍ଷରୁ ଅଭିଯୋଗ କରାଯାଇଛି। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଲୋଧଣୀ ଗ୍ରାମରେ ରବିବାର ରାତିରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଲୋଧଣୀ


ମୃତ ସୁପ୍ରିୟାଙ୍କ ଫାଇଲ ଫଟୋ।

ଗ୍ରାମର ସୁପ୍ରିୟା ସାହୁ (୧୯) ଓ ସେହି ଗାଁର ଦୁଃଶାସନ ରାଉତଙ୍କ ମଧ୍ୟରେ ଲକ୍‌ଡାଉନ୍ ବେଳେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ଉଭୟ ଭିନ୍ନ ଜାତିର ହୋଇଥିବାରୁ ପରିବାର ଲୋକଙ୍କୁ ନ କହି ଦୁହେଁ ଗତ ମାର୍ଚ୍ଚ ୨୫ ବିଳମ୍ବିତ ରାତିରେ ଘରୁ ପଳାଇ ଯାଇଥିଲେ। ହୋଲି ଦିନ ଏକ ମନ୍ଦିରରେ ବିବାହ କରିବା ପରେ ସୁପ୍ରିୟା ଶାଶୁଘରେ ପାଦ ଦେଇଥିଲେ। ହେଲେ ବିବାହର ୨୦ ଦିନ ପରେ ଅର୍ଥାତ୍ ଗତ ୧୪ ତାରିଖ ରବିବାର ଦିନ ସୁପ୍ରିୟାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ସୁପ୍ରିୟାଙ୍କୁ ଶାଶୁଘର ଲୋକେ ପରଜଙ୍ଗ ମେଡିକାଲ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସୁପ୍ରିୟା ବେକରେ ରଶି ଲଗାଇ ଦେଇଥିବା ଶାଶୁଘର ଲୋକେ କହୁଥିବା ବେଳେ ସୁପ୍ରିୟାଙ୍କ ବାପା ରଞ୍ଜନ ସାହୁ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ଯୌତୁକ ପାଇଁ ଶାଶୁଘର ଲୋକେ ଝିଅକୁ ମାରି ଦେଇଥିବା ରଞ୍ଜନ ଏତଲାରେ ଦର୍ଶାଇଛନ୍ତି। ସୋମବାର ପୋଲିସ ଓ ଢେଙ୍କାନାଳରୁ ଯାଇଥିବା ସାଇଣ୍ଟିଫିକ୍ ଟିମ୍ ସୁପ୍ରିୟାଙ୍କ ଶାଶୁଘରେ ପହଞ୍ଚି ତଦନ୍ତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ବାପଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ସୁପ୍ରିୟାଙ୍କ ଶ୍ୱଶୁର ଶେଷଦେବ ରାଉତ, ଦେଢ଼ଶ୍ୱର ଧ୍ରୁବଚରଣ ରାଉତ ଓ ସ୍ୱାମୀ ଦୁଃଶାସନ ରାଉତଙ୍କୁ ଅଟକ ରଖି ପଚରା ଉଚରା ଚଳାଇଛି।

# ମାନସିକ ଅନଗ୍ରସର ବିଦ୍ୟାଳୟରେ ପୋଷାକ ବିତରଣ



ଅହମ୍ମଦିଆ ମୁସଲିମ ଯୁବ ସଙ୍ଗଠନର ସଦସ୍ୟମାନେ।

ଢେଙ୍କାନାଳ,୧୫।୪(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ଜୀବନଜ୍ୟୋତି ମାନସିକ ଅନଗ୍ରସର ବିଦ୍ୟାଳୟରେ ୧୫୦ ଜଣ ଛାତ୍ରୀଛାତ୍ରଙ୍କୁ ଅହମ୍ମଦିଆ ମୁସଲିମ ଯୁବ ସଙ୍ଗଠନ ତଥା ଅନ୍ତଃରାଷ୍ଟ୍ରୀୟ ରାହତ ସଂସ୍ଥା ହ୍ୟୁମାନିଟ୍ ଫାଷ୍ଟ ପକ୍ଷରୁ ସୋମବାର ମଧ୍ୟାହ୍ନ ଭୋଜନ ଓ ପୋଷାକ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅହମ୍ମଦିଆ ମୁସଲିମ ପୂର୍ବ ଭାରତର ଉପସଭାପତି ସଫାରତ ଖାଁ, ଅହମ୍ମଦିଆ ଯୁବ ସଙ୍ଗଠନ ତାଳବରକୋଟ ଅଧ୍ୟକ୍ଷ ଫିରୋଜ ଖାଁ, କରଡାପଲି ତିଗିରିଆ ଅହମ୍ମଦିଆ ଯୁବ ସଙ୍ଗଠନ ଅଧ୍ୟକ୍ଷ ସେରାଫତ ଅଲ୍ଲୀ ଖାଁ ଓ ଅହମ୍ମଦିଆ ଯୁବ ସଙ୍ଗଠନ ଗୁଣ୍ଡିଚାପଡାର ଅଧ୍ୟକ୍ଷ ଜହିର ଖାଁ ଏବଂ ଅନ୍ୟ ସହଯୋଗୀମାନେ ଯୋଗ ଦେଇଥିଲେ।

# ମଣ୍ଡାପାଳ ଗ୍ରାମରେ ପଣା ସଂକ୍ରାନ୍ତି

ଢେଙ୍କାନାଳ,୧୫।୪(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ମଣ୍ଡାପାଳ ଗ୍ରାମରେ ରବିବାର ପଣା ସଂକ୍ରାନ୍ତି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ରବିବାର ଶ୍ରୀଭଗବତ ଜୀଉଙ୍କ ବିମାନକୁ ସାଜସଜ୍ଜା କରାଯିବା ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଠାକୁରଙ୍କ ବିମାନ ଗ୍ରାମ ପରିକ୍ରମା କରିଥିଲା। ଦୁଇଦିନ ଧରି ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମ ସଭାପତି ଧରଣୀ ବ୍ରହ୍ମ, ସୁରେଶ ବରାଳ, ବସନ୍ତ ବ୍ରହ୍ମ,



ଆକାଶ ରାଜ, ଡମ୍ବରୁଧର ରାଜ, ଗୋବିନ୍ଦ ପରିଡା, ଅଶୋକ ବ୍ରହ୍ମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା


କୁରୁଣ୍ଟି ଗ୍ରାମରେ ମହିଳା ପୁରୁଷମାନେ କଳସ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି।

ଢେଙ୍କାନାଳ,୧୫।୪(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କୁରୁଣ୍ଟି ଗ୍ରାମସ୍ଥିତ ମା' ବାଟ ମଙ୍ଗଳାଙ୍କ ଦ୍ୱାଦଶ ସିଂହାସନ ବିଜେ ମହୋତ୍ସବ ରବିବାର ଠାରୁ ଆରମ୍ଭ ହୋଇଛି। ସକାଳ ୭ଟା ୩୫ରେ ବହୁ ସଂଖ୍ୟାରେ ମହିଳା ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ସୂର୍ଯ୍ୟପୂଜା, ଅଗ୍ନିସ୍ଥାପନ, ଅଙ୍କୁର ରୋପଣ, ପୁଷ୍ପାଞ୍ଜଳି ଓ ଆଳତି ପରେ ମଧ୍ୟାହ୍ନରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ରାତି ୧୦ଟାରେ ଶ୍ରୀଲୋକନାଥେଶ୍ୱର ଡ୍ରାମାଟିକ୍ ସଂଘ ପକ୍ଷରୁ ନାଟକ ମଞ୍ଚସ୍ଥ ହୋଇଥିଲା।

# ଢେଙ୍କାନାଳରେ ତାପମାତ୍ରା ୪୦ ଡିଗ୍ରୀ ମୁହାଁ

ଢେଙ୍କାନାଳ,୧୫।୪(ରତନ ନାୟାର)

ଢେଙ୍କାନାଳ ସହରରେ ତାପମାତ୍ରା ପୁଣି ବଢିବାରେ ଲାଗିଛି। ବର୍ଷାପାଗ ପରେ ସୋମବାର ହଠାତ୍ ତାପମାତ୍ରା ବୃଦ୍ଧି ପାଇ ୩୯.୬ ଡିଗ୍ରୀରେ ପହଞ୍ଚିଛି। ଫଳରେ ଅସହ୍ୟ ତାତି ଓ ଗରମ ପବନ ସହରବାସୀଙ୍କୁ ଅତିଷ୍ଠ କରିଛି। ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସହରରେ ଗରମ ପବନର ପ୍ରଭାବ ରହୁଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ପାନିୟଜଳ ସଂକଟ ଜଟିଳରୂପ ନେଇଛି। ଗ୍ରୀଷ୍ମ ପ୍ରବାହ ସମୟରେ ପୌରସଂସ୍ଥା ପକ୍ଷରୁ ପୋଖରୀ ପୁନରୁଦ୍ଧାର କାର୍ଯ୍ୟକ୍ରମରେ ଭାଗୀରଥି ସାଗର ନୂଆପୋଖରୀ ଓ କୁଞ୍ଜକାନ୍ତ ପୋଖରୀ ଭଳି ବଡ ଦଜଳାଶୟ ଖୋଳି ଦିଆଯାଇଥିବାରୁ ସମ୍ପୃକ୍ତ ଅଞ୍ଚଳରେ ଜଳସ୍ତର ଖସି ଜଳ ସଂକଟ ଜଟିଳ ରୂପ ନେଲାଣି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢିବାରେ ଲାଗିଛି।

# ରାସୋଳ ମହୋତ୍ସବ ଉଦ୍‌ଘାଟିତ



ରାସୋଳ,୧୫।୪(ସରୋଜ କୁମାର ମିଶ୍ର)

ଢେଙ୍କାନାଳ ଜିଲା ରାସୋଳ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣି ନାଏକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିକାଶ ପରିଷଦ ସଭାପତି ମହେଶ୍ୱର ନାଏକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବିଦ୍ୟା ଭାରତୀ ପୂର୍ବକ୍ଷେତ୍ରର ସହମନ୍ତ୍ରୀ ହେମନ୍ତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବରୁଣ କୁମାର ସର, ହିନ୍ଦୋଳ ଏନ୍ଏସି ଅଧ୍ୟକ୍ଷ କେଶବ ଚନ୍ଦ୍ର ପ୍ରଧାନ, ରାସୋଳ ସରପଞ୍ଚ ଦିବାକର ନାଏକ, ସମିତି ସଭ୍ୟା ଝରଣା ବେହେରା ଓ ଗଣେଶ ବଜାର ସଭାପତି ସନ୍ତୋଷ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପଣ୍ଡିତ ହେମନ୍ତ ସାହୁ ଶାନ୍ତି ପାଠ କରିଥିଲେ। ବିକାଶ ପରିଷଦ ସମ୍ପାଦକ ଭାସ୍କର ଚନ୍ଦ୍ର ନାୟକ ପରିଷଦର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପରିଷଦର ମୁଖପତ୍ର 'ଶ୍ୱେତପଦ୍ମା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ସମାଜସେବୀ ନିରଞ୍ଜନ ସାମଲ ଓ ରାସୋଳ ଲକ୍ଷ୍ମୀ ବଜାର ସଭାପତି ମନୋରଞ୍ଜନ ନାଥ ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତ ବର୍ଷ ଏଠାରେ ମୀନାବଜାର, ଆକର୍ଷଣୀୟ ସାଜସଜ୍ଜା ସହ ବହୁ ବ୍ୟବସାୟୀ ସେମାନଙ୍କ ପସରା ଖୋଲିଛନ୍ତି। ଦ୍ୱିତୀୟ ସନ୍ଧ୍ୟାରେ ପାଗ ଅନୁକୂଳ ଥିବାରୁ ପ୍ରବଳ ଜନ ସମାଗମ ହୋଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମା'କନକ ଦୁର୍ଗାଙ୍କ ପୀଠରେ ମହାଷ୍ଟମୀ

ଢେଙ୍କାନାଳ,୧୫।୪(ରତନ ନାୟାର)

ଢେଙ୍କାନାଳ ଜୁବୁଲି ଟାଉନସ୍ଥିତ ମା' କନକ ଦୁର୍ଗାଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା ଉପଲକ୍ଷେ ମହାଅଷ୍ଟମୀ ଓ ନବରାତ୍ର ପୂଜା ପାଳିତ ହେଉଛି। ଏହି ପୂଜା ଉତ୍ସବ ୯ ତାରିଖରୁ ଆରମ୍ଭ ହୋଇଥିବାବେଳେ



୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ପ୍ରାତଃ ସମୟରୁ ମା'ଙ୍କ ମଙ୍ଗଳ ଆଳତୀ, ମହାସ୍ନାନ, ବସ୍ତ୍ର, ବିଭିନ୍ନ ଫୁଲ, ଭୋଗ, ପଣା ଭୋଗ ଲାଗି କରାଯାଉଛି। ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, ଷୋଡଶ ଉପଚାର ପୂଜା, ଚଣ୍ଡିପାଠ, ଅଭିଷେକ ଓ ଯଜ୍ଞ ଆଦି କରାଯାଉଛି। ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତି ଓ ପଣା, ରାତିରେ ବଡସିଂହାର ଭୋଗ ଲାଗି କରାଯାଉଛି। ପଣ୍ଡିତମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଉଛି। ସୋମବାର ମହାଷ୍ଟମୀ ବିହିତ ପୂଜା, ଗୀତାଯଜ୍ଞ ଅନୁଷ୍ଠିତ ହୋଇଛି।


ଚଳିତ ସାଧାରଣ ନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ନଜରରେ ରଖି ସୋମବାର ଢେଙ୍କାନାଳ ସହରରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି।

# ପ୍ରବେଶ ଉତ୍ସବ ଓ ପୁନଃ ଉପସ୍ଥାନ

ଢେଙ୍କାନାଳ,୧୫।୪(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳ ପୋଲିସ ଲାଇନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୧୦ ତାରିଖରେ ପ୍ରବେଶ ଉତ୍ସବ ଓ ପୁନଃ ଉପସ୍ଥାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଥମ ଶ୍ରେଣୀର ୫ଜଣ, ଷଷ୍ଠ ଓ ୭ମ ଶ୍ରେଣୀର ଦୁଇଜଣ ଛାତ୍ରୀଛାତ୍ରଙ୍କୁ ଫୁଲଚନ୍ଦନ ଦେଇ ବନ୍ଦାପନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଦର ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବବ୍ରତ ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଲ ମଣିଷ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୋଲିସ ଲାଇନ କ୍ଲଷ୍ଟରର ସିଆର୍‌ସିସି ଝସକେତନ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନିୟମିତ ବିଦ୍ୟାଳୟମୁଖୀ କରାଇବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ଅବସରରେ ନୂତନ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ଓ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମଞ୍ଜୁଲତା ବେହେରା, ଉପସଭାପତି ପତିତପାବନ ମହାନ୍ତିଙ୍କ ସମେତ ମାତୃ ମଞ୍ଚର ସଦସ୍ୟା ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରେଖା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ମିଶ୍ର, ମନୋଜବାଳା ମିଶ୍ର ଓ ସ୍ନେହପ୍ରଭା ସାହୁ ସହଯୋଗ କରିଥିଲେ।


ପୋଲିସ ଲାଇନ ଉପ୍ରା ବିଦ୍ୟାଳୟରେ ପ୍ରବେଶ ଉତ୍ସବ।

# ଭାଷା ସାହିତ୍ୟର ବିସ୍ମୟ ପ୍ରତିଭା ଥିଲେ ବ୍ରଜନାଥ

ଢେଙ୍କାନାଳ,୧୫।୪(ରତନ ନାୟାର)

ଓଡ଼ିଆ ଭାଷା ସାହିତ୍ୟରେ ବ୍ରଜନାଥ ବଡ଼ଜେନାଙ୍କ ବଡ଼ ଭୂମିକା ରହିଥିଲା। ସେ ୬ଟି ଭାଷାରେ ସାହିତ୍ୟ ରଚନା କରି ତତ୍‌କାଳୀନ ସମୟରେ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇଥିଲେ। ଢେଙ୍କାନାଳ ସଦର ବ୍ଲକ ରାଧାଦେଇପୁରସ୍ଥିତ ବଡ଼ଜେନା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ଅବସରରେ ଯୋଗଦେଇଥିବା ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ସଂସଦ ସଭାପତି ଶଙ୍କର୍ଷଣ ଶତପଥୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ପ୍ରେମାନନ୍ଦ ରାଉତ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଚକ୍ଷୁରୋଗ ବିଶେଷଜ୍ଞ ଡା. ଶ୍ରନିବାସ ହୋତା ଯୋଗଦେଇ କହିଲେ, ଭାଷା ସାହିତ୍ୟର ବିସ୍ମୟ ପ୍ରତିଭା ବ୍ରଜନାଥ କେବଳ ଓଡ଼ିଆ ନୁହେଁ ସଂସ୍କୃତ, ପ୍ରାକୃତ, ତେଲୁଗ, ବଙ୍ଗଳା ଏବଂ ହିନ୍ଦୀ ଭାଷାରେ ପାରଦର୍ଶିତା ଲାଭ କରି ନିଜର କାବ୍ୟ ଦ୍ୱାରା ଆଦୃତିଲାଭ କରିଥିଲେ। ମୁଖ୍ୟବକ୍ତା ଭାବେ କବୟିତ୍ରୀ ନିର୍ମଳା ମହାପାତ୍ର ଯୋଗଦେଇ କବି ବ୍ରଜନାଥ ବଡ଼ଜେନା ଗଦ୍ୟ ସାହିତ୍ୟର ପ୍ରଥମ ସ୍ରଷ୍ଟା ଥିଲେ। ସେ ବିଭିନ୍ନ ଭାଷାରେ କାଳଜୟୀ ସାହିତ୍ୟ ରଚନା କରି ନିଜ ଦକ୍ଷତାର ପ୍ରତିପାଦନ କରିଯାଇଛନ୍ତି ବୋଲି କହିଥିଲେ। ପତିତପାବନ ରାଉତ ସଭା ସଂଚାଳନ ଏବଂ ବରିଷ୍ଠ ଖବରଦାତା ଶିଶିର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକ ମୁଖପତ୍ର 'ବ୍ରଜମଲ୍ଲୀ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଏହି ଅବସରରେ ସଂସଦ ଦ୍ୱାରା ପ୍ରକାଶିତ ବାର୍ଷିକ ମୁଖପତ୍ର 'ବ୍ରଜମଲ୍ଲୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କବି ଦୁର୍ଯ୍ୟୋଧନ ମହାଳିକଙ୍କ 'ପ୍ରେମରୁ କରୁଣା କଣେ' ଓ ଜୟଦେବ ଷଡଙ୍ଗୀଙ୍କ କାବ୍ୟ ସଂଙ୍କଳନ 'ମାଟିର ମଣିଷ', ଗୋଲକ ବିହାରୀ ମହାନ୍ତିଙ୍କ 'ଭକ୍ତି ରସାମୃତ' ଏବଂ ଅନୁବାଦ ପୁସ୍ତକ 'ଟ୍ରିସୁରିୟର ଅଫ ସର୍ଟ ଟେଲସ' ଏବଂ ରୂପମଞ୍ଜରୀ ପଟ୍ଟନାୟକଙ୍କ 'ପ୍ରବନ୍ଧ ବାଟିକା' ପୁସ୍ତକ ଲୋକାର୍ପିତ ହୋଇଥିଲା। ଏହି ଅବସରରେ କବି ପ୍ରେମାନନ୍ଦ ପାଣିଗ୍ରାହୀ, କବୟିତ୍ରୀ ରୂପମଞ୍ଜରୀ ପଟ୍ଟନାୟକ, ପତିତପାବନ ରାଉତ, ଜଗଦୀଶ ସାହୁ, ଏବଂ ନିମାଇଁ ଚରଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଦୁର୍ଯ୍ୟୋଧନ ମହାଳିକଙ୍କ ସଭାପତିତ୍ୱ ଏବଂ ବିନୋଦିନୀ ରାଉଳ ଓ ଦେବୀ ପ୍ରସାଦ ନାୟକଙ୍କ ସଂଯୋଜନାରେ ୫୫ ଜଣ କବୟିତ୍ରୀ କବିଙ୍କ ଦ୍ୱାରା କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲ।

### ବାଇକ୍ ଜବତ, ୩ ଗିରଫ

ବଇଣ୍ଡା,୧୫।୪(ପରିକ୍ଷିତ ସାହୁ): ଠାକୁରଗଡ ପୋଲିସ ରବିବାର ଠାକୁରଗଡ ଅଞ୍ଚଳରେ ଗାଡିମୋଟର ଯାଞ୍ଚ କରିଥିଲା। ମଦ୍ୟପାନ କରି ଗାଡି ଚଲାଉଥିବା ଅଭିଯୋଗରେ ଆଠମଲ୍ଲିକ ଥାନା ନାଗା ନୂଆଁଗଡ ଅଞ୍ଚଳର ଅଶ୍ୱିନୀ ନାୟକ, କିଶୋରନଗର ଥାନା ଖଇରାନାଳି ଗ୍ରାମର କପିଳେଶ୍ୱର ନାୟକ, ପାଇକସାହି ଗ୍ରାମର ଲିଙ୍କନ ନାୟକଙ୍କୁ ଗିରଫ କରାଯାଇଛି। ଏଥିସହ ୩ ବାଇକ ଜବତ ହୋଇଛି। ପୋଲିସ ୩ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କଂଗ୍ରେସ ପ୍ରାର୍ଥୀ ନ ବଦଳାଇଲେ ଅନଶନ



## ନରୋତ୍ତମଙ୍କ ବିରୋଧରେ ମେଳି

ଛେଣ୍ଡିପଦା,୧୫।୪(ଅଜିତ ଧଳ)

ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ରବିବାର ପ୍ରାର୍ଥୀ ଘୋଷଣା କରାଯାଇଥିବା ବେଳେ ଛେଣ୍ଡିପଦା ବିଧାନସଭା ନିର୍ବାଚନମଣ୍ଡଳୀରୁ ନରୋତ୍ତମ ନାୟକଙ୍କୁ ଦଳ ପ୍ରାର୍ଥୀ କରିଛି। ତେବେ ଏହି ପ୍ରାର୍ଥୀ ଘୋଷଣା ପରେ ଛେଣ୍ଡିପଦା ବ୍ଲକ କଂଗ୍ରେସରେ ଅସନ୍ତୋଷ ଦେଖାଯାଇଛି। ୧୬ନଂ. ଜୋନ୍ ଜିଲାପରିଷଦ ସଦସ୍ୟ ଅଭିରାମ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକାଠି ହୋଇ ନରୋତ୍ତମଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରିବା ସହ ପ୍ରାର୍ଥୀ ବଦଳା ନ ଗଲେ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି।

କୁକୁରପେଟା ଡ୍ୟାମ୍ ନିକଟରେ ସୋମବାର ଜିଲା ପରିଷଦ ସଦସ୍ୟ ଅଭିରାମଙ୍କ ନେତୃତ୍ୱରେ ଏକ ବୈଠକ କରି ସମ୍ପୃକ୍ତ କର୍ମୀମାନେ ସେମାନଙ୍କ ଅସନ୍ତୋଷ ଜାହିର କରିଥିଲେ। ସେମାନେ କହିଥିଲେ, ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଅଧୀନରେ ୫୨ ପଞ୍ଚାୟତ ରହିଛି। ଏଠାରୁ ପ୍ରାର୍ଥୀ ହୋଇଥିବା ନରୋତ୍ତମ ୨୦୧୯ ମସିହା ସାଧାରଣ ନିର୍ବାଚନ ଓ ବିଗତ ପଞ୍ଚାୟତ ନିର୍ବାଚନରେ ଦଳର କୌଣସି କାର୍ଯ୍ୟକ୍ରମ ଏବଂ ପ୍ରଚାର କିମ୍ବା ସଙ୍ଗଠନରେ ଅଂଶଗ୍ରହଣ କରି ନ ଥିଲେ। କିନ୍ତୁ ଦଳ ତାଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରିଛି। ଭାଜପା ଛାଡି ୬ ମାସ ତଳେ କଂଗ୍ରେସରେ ସାମିଲ ହୋଇଥିବା ଗୋବିନ୍ଦ ନାଏକ ଦଳ ପାଇଁ କାର୍ଯ୍ୟ ଚଳାଇଛନ୍ତି। କର୍ମୀମାନଙ୍କୁ ନେଇ ସଭାସମିତି କରି ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ଦଳର ସଙ୍ଗଠନକୁ ମଜଭୁତ କରିଛନ୍ତି। ତେଣୁ ନରୋତ୍ତମଙ୍କ ପ୍ରାର୍ଥିତ୍ୱକୁ ପ୍ରତ୍ୟାହାର କରାଯାଇ ଗୋବିନ୍ଦଙ୍କୁ ପ୍ରାର୍ଥୀ କରିବାକୁ କର୍ମୀମାନେ ଦାବି କରିଛନ୍ତି। ଏ ନେଇ କଂଗ୍ରେସ କର୍ମୀମାନେ ପିସିସି ସଭାପତି, ରାଜ୍ୟ ପ୍ରଭାରୀ ଓ ଅଲ ଇଣ୍ଡିଆ କଂଗ୍ରେସ କମିଟି ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

## ବନ୍ଧୁକ ଦେଖାଇ ଅଳଙ୍କାର ଲୁଟ୍

ଛେଣ୍ଡିପଦା,୧୫।୪(ଅଜିତ ଧଳ)

ଅନୁଗୋଳ ଜିଲା ଜରପଡା ଥାନା ବଡକେରଜାଙ୍ଗ ଗ୍ରାମ ନିକଟରୁ ରବିବାର ରାତି ୮ଟା ବେଳେ ବନ୍ଧୁକ ଦେଖାଇ ଜଣେ ଯୁବକଙ୍କଠାରୁ ଦୁର୍ବୃତ୍ତମାନେ ଅଳଙ୍କାର ଲୁଟି ନେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ କହିଛି, ବଡ଼କେରଜାଙ୍ଗ ଗ୍ରାମର ଲାଲଟୁ ମହାରଣାଙ୍କ ବଡ଼କେରା ଛକରେ ଏକ ସୁନାଗହଣା ମରାମତି ଦୋକାନ ରହିଛି। ସେ ଦୋକାନ ବନ୍ଦ କରି ସବୁଦିନ ପରି ସୁନାଗହଣା ନେଇ ବଡ଼କେରଜାଙ୍ଗ ଗ୍ରାମକୁ ଫେରୁଥିବାବେଳେ ଗ୍ରାମଠାରୁ ପ୍ରାୟ ୧କି.ମି. ଦୂର ବାରବାଙ୍କ ନିକଟରେ ୨ଟି ବାଇକରେ ୪ଜଣ ଦୁର୍ବୃତ୍ତ ଆସି ତାଙ୍କ ଗାଡିକୁ ଆଟକାଇ ଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ତାଙ୍କୁ ଭୟଭୀତ କରିଥିଲେ। ଅନ୍ୟ ଦୁଇଜଣ ଦୁର୍ବୃତ୍ତ ସୁନାଗହଣା ଥିବା ବ୍ୟାଗକୁ ଛଡାଇ ନେଇ ପଳାଇଥିଲେ। ଫଳରେ ବ୍ୟାଗରେ ଥିବା ପ୍ରାୟ ୨କିଗ୍ରା ରୁପା ଓ ୬୨ ଗ୍ରାମ ସୁନା ଦୁର୍ବୃତ୍ତମାନେ ଲୁଟି ନେଇଥିବା ଲାଲଟୁ ଜରପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୧୪/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ପାନୀୟ ଜଳ ପାଇବାରୁ ବଞ୍ଚିତ ୩ ଗ୍ରାମବାସୀ

ମାଧପୁର,୧୫।୪(ମନୋଜ ପ୍ରଧାନ)

ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ ଅଧୀନ ମାଧପୁର-ଆଠମଲ୍ଲିକ ପୂର୍ତ୍ତରାସ୍ତାର କୁମୁସିଆସାହି ନିକଟରେ କନ୍ଧପଡା ପାନୀୟ ଜଳ ପ୍ରକଳ୍ପରୁ ଆସିଥିବା ପାଣି ପାଇପ ଆଜକୁ ଚାରିଦିନ ହେବ ଫାଟି ଯାଇଛି। ଫଳରେ କୁନ୍ଦନାଳୀ, ବଇଦସାହି ଓ କୁମୁସିଆସାହିର ପ୍ରାୟ ୮୦୦ଜନସାଧାରଣ ପାନୀୟ ଜଳ ପାଇ ନ ପାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୁନ୍ଦନାଳୀ ଗ୍ରାମ ଗୋଟିଏ ଜଳ କିଷ୍ଟ ଗ୍ରାମ ହୋଇଥିବାରୁ ସମସ୍ତ ଜନସାଧାରଣ ପ୍ରାୟ ଏହି ପାଇପ ପାଣି ଉପରେ ନିର୍ଭରଶୀଳ। ତତଲା ତାତି ସାଙ୍ଗକୁ ପାନୀୟ ଜଳାଭାବ ଜନସାଧାରଣଙ୍କୁ ହନ୍ତସନ୍ତ କରୁଛି। ଏ ନେଇ ପାନୀୟ ଜଳ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ବେହେରା କହିଛନ୍ତି, ଦୁଇ ତିନି ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ।



# ମା' ହିଙ୍ଗୁଳାଙ୍କ ଜନ୍ତାଳ ପର୍ବ



ତାଳଚେର, ୧୫।୪ (ମନୋଜ ନନ୍ଦ)

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ଯାତ୍ରା ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ମା'ଙ୍କ ଜନ୍ତାଳ ପର୍ବ ଗୋପାଳପ୍ରସାଦସ୍ଥିତ ମା'କୁଟେଇଶୁଣୀ ପୀଠରେ ପାଳିତ ହୋଇଯାଇଛି। ଅପରାହ୍ନ ୧ଟା ୧୫ରେ ଦେହୁରୀଙ୍କ ଘରୁ ମା' ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଳମକୁ ଶୋଭାଯାତ୍ରାରେ କୁଟେଇଶୁଣି ମଣ୍ଡପକୁ ଅଣାଯାଇଥିଲା। ସେଠାରେ ମୁଖ୍ୟପୂଜକ କିଶୋର ଚନ୍ଦ୍ର ଦେହୁରୀ ଓ ଟଙ୍କଧର ଦେହୁରୀ ପୂଜା ଅର୍ଚ୍ଚନା କରିଥିଲେ। ପୂଜା ପରେ ଦୁଇଜଣ ପାଇକ ପାଟଖଣ୍ଡା ଓ ଆଜ୍ଞାମାଳ ନେଇ ପଡିଆରଙ୍କୁ ଡାକି ପୂଜା ମଣ୍ଡପକୁ ବିଜେ କରାଇଥିଲେ। ପଞ୍ଚାଙ୍ଗ ଧୌତ ପରେ ତାଳଚେର ରାଜାଙ୍କ ପ୍ରଦତ୍ତ ନୂତନ ବସ୍ତ୍ର ପରିଧାନ କରି ଆସନ ଗ୍ରହଣ କରିଥିଲେ। ଏହାପରେ ଦେହୁରୀ ପଡିଆରଙ୍କୁ ଦେବୀ ରୂପରେ ଷୋଡଶୋପଚାରରେ ପୂଜା କରାଯାଇଥିଲା। ପଡିଆରଙ୍କ ଠାରେ ଦେବୀ ଆବିଷ୍ଟ ହୋଇ ମା' ହିଙ୍ଗୁଳାଙ୍କ ଆର୍ବିଭାବର ଦିଗ ସମ୍ବନ୍ଧରେ ସୂଚନା ଦେବେ। ଶ୍ରଦ୍ଧାଳୁମାନଙ୍କ ହରିବୋଲ, ହୁଳହୁଳି ଶବ୍ଦରେ ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା। ମା ହିଙ୍ଗୁଳା ଟ୍ରଷ୍ଟ ବୋର୍ଡ ସମସ୍ତ ସଦସ୍ୟଙ୍କ ସମେତ ତାଳଚେର ରାଜାଙ୍କ ପ୍ରତିନିଧି ରାଜେନ୍ଦ୍ର କୁମାର ସିଂହ, ସେବାୟତ ଅଭୟ ପଡିଆର, ଡିଲେଶ୍ୱର ସାମଲ, ହାଡିବନ୍ଧୁ ମହାନ୍ତି, ମୁଚିଆ ଦେହୁରୀ, ବାୟା ବାରିକ, ଦୁର୍ଗାଚରଣ ବାରିକ, ଗୋବିନ୍ଦ ଜ୍ୟୋତିଷ ପ୍ରମୁଖ ସହଯୋଗ କରିଥିଲେ।

## ଫାଣ୍ଡି ଅଧିକାରୀଙ୍କୁ ପଥର ମାଡ଼, ଜଣେ ଗିରଫ

ବଇଣ୍ଡା,୧୫।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଟାପଢୋଲ ଫାଣ୍ଡି ଅଧିକାରୀ ତ୍ରିଲୋଚନ ଖଟୁଆଙ୍କୁ ରବିବାର ମିଣ୍ଡୋଳ ଗ୍ରାମର ପ୍ରତାପ ନାୟକ ପଥର ମାଡ କରିଥିବା ଥାନାରେ ତ୍ରିଲୋଚନ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନମ୍ବର ୯୪/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରତାପଙ୍କୁ ଗିରଫ କରିଛି। ପୋଲିସ କହିଛି, ତ୍ରିଲୋଚନ ମେରୁ ଯାତ୍ରାରେ ଡ୍ୟୁଟି କରୁଥିବାବେଳେ ପାଇକସାହି ସାନହୁଲା ରାସ୍ତାରେ ରବିବାର ଗାଡି ଯାଞ୍ଚ କରୁଥିଲେ। ଏହି ସମୟରେ ସେହି ବାଟ ଦେଇ ପ୍ରତାପ ଯାଇଥିଲେ। ତାଙ୍କ ଗାଡି ଯାଞ୍ଚ କରିବାରୁ ସେ ଉତ୍କ୍ଷିପ୍ତ ହୋଇ ପ୍ରଥମେ ତ୍ରିଲୋଚନଙ୍କୁ ଗାଳି ଗୁଲଜ କରିଥିଲେ। ପରେ ତାଙ୍କୁ ପଥରମାଡ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ପିଠି ପାଟୁଆ ଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ



ଭୁବନ,୧୫।୪(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନରେ ପିଠି ପାଟୁଆ ଯାତ୍ରା ରବିବାର ପାଳିତ ହୋଇଯାଇଛି। ଏହି ଯାତ୍ରାକୁ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିବାବେଳେ ନଗରପାଳ ଶୁଭେନ୍ଦୁ ସାହୁ, ଜିଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ ଅତିଥି ଭାବେ ଯୋଗ ଦେଇଥିଲେ। ପାଟୁଆମାନଙ୍କ ପାଇଁ ପାରମ୍ପରିକ ଘାଘୁଡି, ପାଟ ଲୁଗା, ଟରାଟ ଫୁଲମାଳ, ମୟୂର ଚୁଳ, ମୁକୁଟ ଆଦି ପରିଧାନ କରି ପାଟୁଆ ରୂପାରେ ସୁସଜ୍ଜିତ ହୋଇ ଏହି ପର୍ବରେ ଭାଗ ନେଇଥାନ୍ତି। ନିଜର ମାନସିକ ପାଇଁ ମା' ମଙ୍ଗଳାଙ୍କ ଆଶୀର୍ବାଦ ଲାଭ କରିବାକୁ ଏହି ପାଟୁଆ ନିଷ୍ଠା ଓ କାଷ୍ଠାର ସହିତ କରିଥାନ୍ତି। ପାଟୁଆମାନେ ପିଠି ଫୋଡା, ନିଆଁରେ ଚାଲିବା ଏବଂ ଖୁଣ୍ଟ ପାଟୁଆ ଆଦି ଭିନ୍ନ ଭିନ୍ନ ପରମ୍ପରାକୁ ନେଇ ମାନସିକ କରିଥାନ୍ତି। ଏହି ଯାତ୍ରା ଦେଖିବାକୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।

# ଅଜଣା ଲୋକଙ୍କୁ ନେଇ ନାନା ଆଶଙ୍କା

ବଇଣ୍ଡା,୧୫।୪ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ କିଛିଦିନ ହେବ ଅଜଣା ଲୋକମାନଙ୍କ ଉପସ୍ଥିତି ଦେଖିବାକୁ ମିଳିଛି। ଫଳରେ ଗ୍ରାମାଞ୍ଚଳରେ ନାନା ଆଶଙ୍କା ପ୍ରକାଶ ପାଉଛି। ରବିବାର ସରିଗିପାଲି ଗ୍ରାମରେ ଜଣେ ଅଜଣା ଅଣଓଡ଼ିଆ ବ୍ୟକ୍ତିଙ୍କୁ ନେଇ ଲୋକେ ଭୟଭୀତ ହୋଇପଡ଼ିଥିଲେ। ପିଲା ଚୋର ସନ୍ଦେହ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରଥମେ ଗ୍ରାମରେ ଅଟକ ରଖାଯାଇଥିଲା। ପରେ ତାଙ୍କୁ ଛାଡି ଦିଆଯାଇଥିଲା।

ଘଟଣାରୁ ଜଣାପଡିଛି, ଅନ୍ୟ ରାଜ୍ୟରୁ କେତେଜଣ ମହିଳା ଓ ପୁରୁଷ ଆସି ବଇଣ୍ଡା, ତଥା ଆଖ ପାଖ ଅଞ୍ଚଳରେ ଯାଯାବର ଭାବେ ପ୍ରଥମେ ରହୁଛନ୍ତି। ପରେ ବିଭିନ୍ନ ଘର ଠାବ କରି ରାତି ଅଧରେ ଚୋରି କରୁଥିବା ଅଭିଯୋଗ ହୋଇଛି। ରବିବାର ଜଣେ ଅଣଓଡ଼ିଆ ବ୍ୟକ୍ତି ମହିଳାଙ୍କ ଡ୍ରେସ ପିନ୍ଧି ସରିଗିପାଲି ଅଞ୍ଚଳରେ ରାତିରେ ବୁଲୁଥିବାବେଳେ ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କୁ ସନ୍ଦେହରେ ଗ୍ରାମ କୋଠ ଘରକୁ ଆଣି ଅଟକ ରଖିଥିଲେ। ତାଙ୍କୁ ପଚରାଉଚରା କରିଥିବାବେଳେ ସେ ନିଜର ତଥ୍ୟ ଠିକ୍ ଭାବେ ଦେଇପାରି ନ ଥିଲେ। ଫଳରେ ପିଲା ଚୋର ବୋଲି ଅଞ୍ଚଳବାସୀ ସନ୍ଦେହ କରିଥିଲେ। ପରେ ତାଙ୍କୁ ଛାଡି ଦେଇଥିଲେ। ଗତ ୧୦ ତାରିଖରେ ଠାକୁରଗଡ଼ ଥାନା କୃତ୍ତିବାସପୁର ଅଞ୍ଚଳରେ ଜଣେ ବାହାର ଅଞ୍ଚଳର ବ୍ୟକ୍ତି ୨ ଜଣ ଛାତ୍ରୀଛାତ୍ରଙ୍କୁ ବାଇକ୍ ଯୋଗେ ଅପହରଣ କରିନେବାକୁ ଉଦ୍ୟମ କରିଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଅଜଣା ବ୍ୟକ୍ତିମାନେ ଏଠାରେ ବୁଲାବୁଲି କରୁଥିବାବେଳେ ପୋଲିସ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ହଣ୍ଡପା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ସୂଚନା ଦେଇଛି।

# ବିଜେଡିରେ ସାମିଲ ହେଲେ ଭାଜପା କର୍ମୀ



ପରଜଙ୍ଗ,୧୫।୪(ନିଗମାନନ୍ଦ ଦଳବେହେରା)/ ଭୁବନ (ବିପିନ ବିହାରୀ ସେଠୀ)

ପରଜଙ୍ଗ ନିର୍ବାଚନମଣ୍ଡଳୀ କଙ୍କଡ଼ାହାଡ଼ ବ୍ଲକର ବିରାଶାଳ ପଞ୍ଚାୟତ, ବାଟଗାଁ ପଞ୍ଚାୟତ, ମକୁଆକାଟେଣୀ ଗ୍ରାମର ଭାଜପା ନେତା ଜୟପାଲ ସିଙ୍କୁ, ସଲେଇ, ଭାରତ, ଦିଲୀପ ମନିକ, କୁନା ମୁଣ୍ଡା ଏବଂ ଅନନ୍ତ ସୋରେନଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ସୋମବାର ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁଙ୍କ ନେତୃତ୍ୱରେ ସେମାନେ ଦଳରେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ସାହୁ ନୂତନ ଭାବେ ଦଳରେ ସାମିଲ ହେଇଥିବା କର୍ମକର୍ତ୍ତାଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେହିପରି ଭୁବନ ବ୍ଲକ ବିଜୁ ଜନତାଦଳ କାର୍ଯ୍ୟାଳୟରେ ସୋମବାର ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଉପସ୍ଥିତିରେ ଭୁବନ ବ୍ଲକ ଏକତାଳୀ ପଞ୍ଚାୟତ ବେଷ୍ଟସାଲିଆ ଗ୍ରାମର ଶତାଧିକ ଭାଜପା ଓ କଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳଙ୍କ ସମେତ ବିଭିନ୍ନ ପଞ୍ଚାୟତର ବିଜେଡି କର୍ମୀମାନେ ଯୋଗ ଦେଇଥିଲେ।



# ପ୍ରାର୍ଥିତ୍ୱ ପରିବର୍ତ୍ତନ ଦାବି



ତାଳଚେର,୧୫।୪(ମନୋଜ ନନ୍ଦ)

ତାଳଚେର କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ଦାସଙ୍କୁ ବିରୋଧ ହୋଇଛି। ତୁରନ୍ତ ତାଙ୍କ ପ୍ରାର୍ଥିତ୍ୱ ପରିବର୍ତ୍ତନ କରିବାକୁ ତାଳଚେର ଯୁବ କଂଗ୍ରେସ କର୍ମୀ ରାଜକିଶୋର ସାହୁ, କେଶବ ଭୁତିଆ, ପ୍ରତାପ ପ୍ରଧାନ, ବଳରାମ ବେହେରା ପ୍ରମୁଖ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ ଏକ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି।

# ଅଗ୍ନିଶମ କେନ୍ଦ୍ରରୁ ନାଗ ଉଦ୍ଧାର

ଭୁବନ,୧୫।୪(ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନ ଅଗ୍ନିଶମ କେନ୍ଦ୍ରରୁ ସୋମବାର ଅପରାହ୍ନରେ ୪ ଫୁଟ ଲମ୍ବର ଏକ ନାଗସାପ ଉଦ୍ଧାର କରାଯାଇଛି। ନାଗସାପ ଅଗ୍ନିଶମ କାର୍ଯ୍ୟାଳୟକୁ ପଶି ଆସିଥିବା ଦେଖି କର୍ମଚାରୀମାନେ ସାପ ଧରାଳି ଟୁଟୁ ଜେନାଙ୍କୁ ଖବର ଦେଇଥିଲେ। ଖବରପାଇ ଟୁଟୁ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଭାରତୀ ପାହାଡର ପାଦ ଦେଶରେ ଛାଡି ଦେଇଥିବା ଜଣାପଡିଛି।

# ଲକ୍ଷାଧିକ ଟଙ୍କାର ଧନସମ୍ପତ୍ତି ଜଳିଗଲା

ରାସୋଳ,୧୫।୪(ସରୋଜ କୁମାର ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କୁନୁଆଁ ପଞ୍ଚାୟତ ପଧାନୀ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଧନସମ୍ପତ୍ତି ଜଳିଯାଇଛି। ସୂଚନା ଅନୁଯାୟୀ, ପଧାନୀ ଗ୍ରାମର ବୁଲା ନାଏକଙ୍କ ଘରେ ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ଘରେ ଥିବା ସମସ୍ତ ଆସବାବପତ୍ର ପୋଡିପାଉଁଶ ହୋଇଯାଇଥିବା ଅଭିଯୋଗ ହୋଇଛି। ଖବରପାଇ ରାସୋଳ ଅଗ୍ନିଶମ କେନ୍ଦ୍ର କର୍ମୀଚାରୀମାନେ ପହଞ୍ଚି ନିଆକୁ ଆୟତ୍ତ କରିଥିଲେ। ଖବରପାଇ ସରପଞ୍ଚ ନିରଞ୍ଜନ ସାମଲ ପହଞ୍ଚି ହଜାରେ ଟଙ୍କା ଦେବା ସହ ପଞ୍ଚାୟତ ପକ୍ଷରୁ ଚାଉଳ ପ୍ରଦାନ ବ୍ୟବସ୍ଥା କରିବେ ବୋଲି କହିଥିଲେ। ରାଜସ୍ୱ ନିରୀକ୍ଷକ ସୁଭଦ୍ରା ସାହୁ କ୍ଷୟକ୍ଷତି ଅନୁଧ୍ୟାନ କରିବା ପରେ ପାଲ ପ୍ରଦାନ କରିଥିଲେ।

## ଗାଡ଼ି ଧକ୍କାରେ ୩ ଗୁରୁତର

ଭୁବନ,୧୫।୪ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ଶ୍ୟାମଳ ଛକ ଜାତୀୟ ରାଜପଥରେ ସୋମବାର ସକାଳେ ଗାଡି ଧକ୍କାରେ ସ୍କୁଟିରେ ଆସୁଥିବା ଏକ ପରିବାରର ୩ ସଦସ୍ୟ ଗୁରୁତର ହୋଇଛନ୍ତି। ଘଟଣାରୁ ଜଣାପଡ଼ିଛି, ପରଜଙ୍ଗ ଗ୍ରାମର ରବିନାରାୟଣ ତ୍ରିପାଠୀ ନିଜ ସ୍କୁଟିରେ ସ୍ତ୍ରୀ ଓ ୮ ବର୍ଷର ପୁଅକୁ ନେଇ ଶ୍ୱଶୁର ଘର ପୁରୁଷୋତ୍ତମ ଗ୍ରାମକୁ ଆସୁଥିଲେ। ୫୩ ନଂ. ଜାତୀୟ ରାଜପଥର ଶ୍ୟାମଳ ଛକରେ ଏକ ଗାଡି ପଛପଟୁ ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଭୁବନ ଡାକ୍ତରଖାନା ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ୩ ଜଣଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବର ପାଇ ଭୁବନ ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଚଳାଇଛି।

# ନିଜ ଗ୍ରାମରୁ ପ୍ରଚାର ଆରମ୍ଭ କଲେ ବିଭୂତି

କାମାକ୍ଷାନଗର,୧୫।୪(ସୁଧୀର ପରିଡ଼ା)



ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନ ସୋମବାର ନିଜ ଗ୍ରାମ ପଙ୍ଗାତିରାରୁ ପ୍ରଚାର ଆରମ୍ଭ କରିଛନ୍ତି। ଏହି ପ୍ରଚାର ସମୟରେ ଢେଙ୍କାନାଳ ଭାଜପା ଏମ୍‌ପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣି ଉପସ୍ଥିତ ରହି ଭୋଟ ଭିକ୍ଷା କରିଥିଲେ। ଗ୍ରାମର ପଶ୍ଚିମେଶ୍ୱର ମହାଦେବ ମନ୍ଦିରରୁ ପୂଜାର୍ଚ୍ଚନା କରିବା ପରେ ବିଭୂତି ନିର୍ବାଚନ ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ସ୍ଥାନୀୟ ନେତାଙ୍କ ସହ ସହସ୍ରାଧିକ କର୍ମୀ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନାଭିମୁଖୀ କାର୍ଯ୍ୟ ଓ ମୋଦି ଗ୍ୟାରେଣ୍ଟିକୁ ନେଇ ଲୋକଙ୍କ ପାଖରେ ପହଞ୍ଚିବା ସହ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଏହି ସମୟରେ ବିଭୂତିଙ୍କ ଝିଅ ମଧ୍ୟ ପ୍ରଚାରରେ ସାମିଲ ହୋଇଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଜୁ ଜନତା ଦଳ ବରିଷ୍ଠ ନେତା ଘାଗରାମୁଣ୍ଡା ପଞ୍ଚାୟତ ସଭାପତି ବାଙ୍କନିଧି ବେହେରା ଓ ବିରିବୋଲେଇ ପଞ୍ଚାୟତ ସଭାପତି ପ୍ରଭାକର ଗଡ଼ନାୟକ ଭାଜପାରେ ସାମିଲ ହୋଇଥିଲେ। ପାଖାପାଖି ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ଅନ୍ୟ ଦଳ ଛାଡି ଭାଜପାରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା, ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷ ଯଶସ୍ୱିନୀ ରାଉତ, କଙ୍କଡାହାଡ଼ ବ୍ଲକ ଉପାଧ୍ୟକ୍ଷା ଦୀପା ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାସବିହାରୀ ବେହେରା, ଦୁର୍ଗାପ୍ରସାଦ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ଓବିସି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମୀଧର ସାହୁ, ଜିଲା ଉପସଭାପତି ମାତୃପ୍ରସାଦ ନନ୍ଦ, ପଙ୍ଗାତିରା ସରପଞ୍ଚ କରୁଣାକର ସାହୁ, ଦଳୀୟ ସରପଞ୍ଚ, ସମିତି ସଦସ୍ୟ, ସମସ୍ତ ମଣ୍ଡଳ ସଭାପତି, ଯୁବମୋର୍ଚ୍ଚା, ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

